ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଆତଙ୍କରାଜ

# ଥାନା ଆଗରେ କଂଗ୍ରେସର ଧାରଣା







ବ୍ରହ୍ମପୁର, ୨୧।୮ (ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଉପଦ୍ରବକୁ କେନ୍ଦ୍ର କରି ତୁମୂଳକାଣ୍ଡ ଘଟିଛି। ଏହାକୁ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ବୁଧବାର ଭୋର୍ ପ୍ରାୟ ୪ଟାରେ ସାନଖେମୁଣ୍ଡି କଂଗ୍ରେସ ବିଧାୟକ ରମେଶ ଜେନାଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ ଗୋପାଳପୁର ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ବିଶ୍ୱବିଦ୍ୟାଳୟର ଛାତ୍ରଙ୍କୁ ମାଡ଼ ମାରିଥିବା ଅଣଛାତ୍ରଙ୍କୁ ତୁରନ୍ତ ଗିରଫ ଓ ଅନ୍ୟାନ୍ୟ ଦାବିରେ ସେମାନେ ଧାରଣା ଦେବା ସହ ହୋ-ହଲ୍ଲା କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। କୌଣସି ବଡ଼ଧରଣର ଅଘଟଣ ଆଶଙ୍କାରେ ବିଶ୍ୱବିଦ୍ୟାଳୟ ପରିସରରେ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରିବା ସହ ଶାନ୍ତି ବଜାୟ ରଖିବାକୁ ପ୍ରଚେଷ୍ଟା ଜାରି ରଖିଛି। ଯେଉଁ ଅଣଛାତ୍ରମାନେ ଆକ୍ରମଣ କରିଛନ୍ତି, ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଡ. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କିଛି ଅଣଛାତ୍ରଙ୍କ ଆକ୍ରମଣରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଦ୍ୱିତୀୟବର୍ଷ ଛାତ୍ର ଅଭିଲାଷ ମିଶ୍ର ଆହତ ହୋଇ ସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ହୋଇ ଫେରିବା ପରେ ସେ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ଏହି ସମୟରେ ଥାନା ଭିତରେ ଏବିଭିପିର ଛାତ୍ରନେତା ତୁତୁନ ପାତ୍ର ଓ ବିଜେପି ଯୁବନେତା ଶିବ ନାୟକଙ୍କ ସମେତ କିଛି ଯୁବକ ଅଭିଲାଷଙ୍କୁ ଧମକ ଦେଇଥିଲେ। ଏହି ଖବର ପ୍ରଘଟ ପରେ ଭୋର୍ ପ୍ରାୟ ୪ଟାରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସମେତ ଶତାଧିକ ସମର୍ଥକ ଗୋପାଳପୁର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ଆକ୍ରମଣ କରିଥିବା ଏବଂ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ।

ଅପରପକ୍ଷେ, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ମହେଶ କୁମାର ଗୌଡ଼, ଛାତ୍ର ଇଜୁ ଅମିନ ଖାନ୍‌ଙ୍କ ନେତୃତ୍ୱରେ ଛାତ୍ରମାନେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ସମ୍ମୁଖରେ ବିକ୍ଷୋଭ କରିବା ସହ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଉଦ୍ଦେଶ୍ୟରେ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ହଷ୍ଟେଲ ୱାର୍ଡେନ ପ୍ରମୁଖଙ୍କ ସହ କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଦାବି କରିଛନ୍ତି। ଆଜି କୁଳପତିଙ୍କ ନିର୍ଦ୍ଦେଶକ୍ରମେ ଶୃଙ୍ଖଳା କମିଟି ପକ୍ଷରୁ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ସହ ବୈଠକ ହୋଇଥିଲା। ଘଟଣାର ତଦନ୍ତ କରି ସମ୍ପୃକ୍ତ ଥିବା ଛାତ୍ରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁଳପତି କହିଥିଲେ। ଅନ୍ୟପକ୍ଷରେ, ଛାତ୍ରାବାସରେ ଅଧିକ ୪ଜଣ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରି ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ବୋଲି କହିଛନ୍ତି।

- ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କଲେ ବିଧାୟକ ରମେଶ ଜେନା
- ବିଶ୍ୱବିଦ୍ୟାଳୟ ପରିସରରେ ୨ ପ୍ଲାଟୁନ୍ ଫୋର୍ସ ମୁତୟନ
- ଅଧିକ ସୁରକ୍ଷାକର୍ମୀ ନିୟୋଜିତ ସହ ବଢ଼ିଲା ଛାତ୍ରାବାସ ସୁରକ୍ଷା

ଘଟଣାକୁ ନେଇ ଗଠିତ ଦୁଇଟି ସ୍ୱତନ୍ତ୍ର କମିଟି ପ୍ରତ୍ୟହ ହଷ୍ଟେଲ ତଦାରଖ କରିବେ, ପାଚେରି ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିବେଦନ କରିବେ। ତେବେ ଗତରାତିରେ ଗୋପାଳପୁର ଥାନା ସମ୍ମୁଖରେ ହୋଇଥିବା ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରଙ୍କୁ ହଷ୍ଟେଲରୁ ବିଦା କରାଯିବ ବୋଲି କୁଳପତି ଗୀତାଞ୍ଜଳି ଦାଶ ସ୍ପଷ୍ଟ କରିଛନ୍ତି। ଉପରୋକ୍ତ ଘଟଣା ପରେ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସମସ୍ତଙ୍କ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ କରାଯାଇଛି। ଅପରାହ୍ନ ୫ଟା ପରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି।

ଅପରପକ୍ଷେ, ଏହି ଘଟଣାରେ ବିଜୁ ଯୁବ ଛାତ୍ର ଜନତା ଦଳ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି। ଏହି ସମୟରେ ଜିଲ୍ଲା ଯୁବ ବିଜେଡି ସଭାପତି ଭବାନୀ କାନ୍ତ ସାହୁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଜିଲ୍ଲା ଜୋନ ସଭାପତି ଜ୍ୟୋତି ରଞ୍ଜନ ସାହୁ, ଅଜିତ ପଣ୍ଡା ଓ ଛାତ୍ର ସଭାପତି ଶୋଭନ ନାୟକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଏନେଇ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବିଶ୍ୱବିଦ୍ୟାଳୟରେ ଘଟିଥିବା ଘଟଣାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ଅଣଛାତ୍ରଙ୍କ ପ୍ରବେଶକୁ ସଦାସର୍ବଦା ସଙ୍ଗଠନ ବିରୋଧ କରିଆସିଛି ବୋଲି କୁହାଯାଇଛି। ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ବନ୍ଦ କରିବା ପଛରେ ରାଜନୈତିକ ଚାପ ରହିଥିବା ଏବଂ କଂଗ୍ରେସର ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଦୀର୍ଘ ମାସ ଧରି ଡିଏସ୍‌ପି ପଦବୀ ଖାଲି ପଡ଼ିଛି। ଭଞ୍ଜବିହାର କ୍ୟାମ୍ପସରେ ଥିବା ଫାଣ୍ଡି କରାପଲ୍ଲୀ ସ୍ଥାନାନ୍ତର ହୋଇଥିବା ବେଳେ ସେଠାରେ ମଧ୍ୟ ସ୍ଥାୟୀ ଫାଣ୍ଡି ଅଧିକାରୀ ନଥିବା ଅଭିଯୋଗ ହୋଇଛି। କ୍ୟାମ୍ପସର ଫାଟକ ବନ୍ଦ ଯୋଗୁଁ ପାଟ୍ରୋଲିଂ ନହୋଇ ଶାନ୍ତିଭଙ୍ଗ ହେଉଥିବା ଅଭିଯୋଗ ହୋଇଛି। ସେହିଭଳି ଶୃଙ୍ଖଳା କମିଟି ଓ ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀମାନେ କ୍ୟାମ୍ପସ ବାହାରେ ରହୁଥିବାରୁ ବିଶୃଙ୍ଖଳା ସୃଷ୍ଟି ହେଉଛି।

# ଦର୍ଶକଙ୍କ ମନ ମୋହିଲା ‘ବନ୍ଦେ ମାତରମ୍’




ବ୍ରହ୍ମପୁର,୨୧।୮ (ସମିସ)

ସଂସ୍କୃତିଧର୍ମୀ ପତ୍ରିକା ‘ଅଭିନୟ ଜଗତ’ ପକ୍ଷରୁ ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ‘ବନ୍ଦେ ମାତରମ୍’ ଆୟୋଜିତ ହୋଇଯାଇଛି। ଦୀର୍ଘ ୨୭ବର୍ଷ ଧରି ବ୍ରହ୍ମପୁରରେ ଆୟୋଜିତ ହୋଇ ଆସୁଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ତଥା ସାଂସ୍କୃତିକ ଅନୁଷ୍ଠାନରୁ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଦଳଗତ ଦେଶାତ୍ମବୋଧକ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ଦେଶ ପାଇଁ ସହିଦ ହୋଇଥିବା ଯୋଦ୍ଧାମାନଙ୍କୁ ସ୍ମରଣ କରିଥିଲେ। ସେହିଭଳି ପ୍ରଖ୍ୟାତ ମଞ୍ଚ ଉପସ୍ଥାପକ ହୃଷୀକେଶ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତର ସୀମାନ୍ତ ଅଂଚଳରେ ଥିବା ସିପାହୀଙ୍କ ସାହାସିକତା ଉପରେ ଆଲୋଚନା କରିଥିଲେ। ନାଳନ୍ଦାଶ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ କାଳୀଚରଣ ସାହୁ, ଗଞ୍ଜାମ କଳା ପରିଷଦର ଉପସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ ଏବଂ ବ୍ରହ୍ମପୁର ପ୍ରେସକ୍ଲବର ସଭାପତି ଅଶୋକ ବ୍ରହ୍ମା, କେ. ରାଜକୁମାର ସେନାପତି, ଅକ୍ଷୟେନ୍ଦୁ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅଭିନୟ ଜଗତର ସମ୍ପାଦକ ଡଃ ମିହିର କୁମାର ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ପରିଚାଳକ ରବୀନ୍ଦ୍ର କୁମାର ନାୟକ, ଉପଦେଷ୍ଟା ଉଷାରଣୀ ମହାପାତ୍ର ଏବଂ ଜିଲ୍ଲା ଖବରର ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦୀପ କୁମାର ସାହୁ, ଡ. ସରୋଜ କୁମାର ଦାଶ, ସାର୍ଥକ ପାଢ଼ୀ, ଅନନ୍ୟା ପାଢ଼ୀ, ସୌରଭ ବେହେରା ପ୍ରମୁଖ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ। ଇ. ମନୋଜ ଦଣ୍ଡପାଟ, ସରୋଜ କୁମାର ପଣ୍ଡା, ଇନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ମଂଚାସୀନ ଥିଲେ। ସନ୍ତୋଷ ତ୍ରିପାଠୀ ଓ ତ୍ରିପତି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ହରେକୃଷ୍ଣ ମଲ୍ଲିକ, ସନ୍ତୋଷ କୁମାର ଜେନା ଓ ରାଜ କୁମାର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ ହୋଇଥିଲେ।

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ

## ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବ୍ରହ୍ମପୁର,୨୧।୮ (ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳସଚିବ ପାର୍ବତୀମଞ୍ଜରୀ ମହାଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉଦଘାଟନ କରିଥିଲେ। ଓଡ଼ିଶା ଉଚ୍ଚଶିକ୍ଷା ପରିଷଦ ଦ୍ୱାରା ପ୍ରାୟୋଜିତ ‘ଭାରତୀୟ ଜ୍ଞାନ ପରମ୍ପରା ଓ ଜାତୀୟ ଶିକ୍ଷାନୀତି: ଭାରତୀୟ ପରମ୍ପରାର ଉତ୍ସ ଅନୁସନ୍ଧାନ ନିମନ୍ତେ ସାମଗ୍ରିକ ଦୃଷ୍ଟିଭଙ୍ଗୀ’ ଶୀର୍ଷକକୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସପ୍ତାହବ୍ୟାପୀ ଜାରି ରହିବ। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ ଅଧ୍ୟାପନା ପଦ୍ଧତିରେ ପରିବର୍ତ୍ତନ ମାଧ୍ୟମରେ ଜାତୀୟ ଶିକ୍ଷାନୀତିକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ମୁକୁଟମଣି ତ୍ରିପାଠୀ ଯୋଗଦେଇ ଶିକ୍ଷାବ୍ୟବସ୍ଥାକୁ ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ ଅନୁକୂଳ କରିବା ସହ ସ୍ନାତକ ସ୍ତରରେ ଗବେଷଣା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପ୍ରଫେସର ଗୌରୀଶଙ୍କର ତ୍ରିପାଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆବାହକ ଡ. ଯତିନ୍ କୁମାର ବିଷୋୟୀ ‘ଭାରତୀୟ ଜ୍ଞାନ ପରମ୍ପରା’ର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ଶତାଧିକ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ବିଭୂତି ପ୍ରସାଦ ବାରିକ ଅତିଥି ପରିଚୟ ଦେବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଯଜ୍ଞଦତ୍ତ ନାୟକ ଓ ଅଧ୍ୟାପକ ପିଙ୍କୁ କୁମାର ସାହୁଙ୍କ ସମେତ ବିଶ୍ୱବିଦ୍ୟାଳୟ ବହୁ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## ନାବାଳିକାକୁ ଅସଦାଚରଣ; ଯୁବକ ଗିରଫ

ବ୍ରହ୍ମପୁର,୨୧।୮ (ସମିସ): ଜଣେ ନାବାଳିକାଙ୍କୁ ଚୁମ୍ବନ ଦେବାକୁ ଉଦ୍ୟମ ସହିତ ଅସଦାଚରଣ କରିବା ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ହାଉସିଂବୋର୍ଡ଼ ଅଞ୍ଚଳର ଜି. ନରେଶ ଦୋରା(୨୯)। ଗୋଷାଣିନୂଆଗାଁ ଥାନାରେ ସମ୍ପୃକ୍ତ ନାବାଳିକାଙ୍କ ମା’ ଜନୈକ ବ୍ୟକ୍ତିଙ୍କ ଘରେ କାମ କରନ୍ତି। ଉକ୍ତ ବ୍ୟକ୍ତିଙ୍କ ଅନ୍ୟଏକ ଘରେ ଅଭିଯୁକ୍ତ ନରେଶ ଭଡ଼ାରେ ରୁହେ। ଗତ କିଛିଦିନ ହେଲା ନାବାଳିକାଙ୍କ ମା’ଙ୍କ ସ୍ୱାସ୍ଥ୍ୟ ଖରାପ ରହଥିବାରୁ ଗତ ୨୦ତାରିଖ ସନ୍ଧ୍ୟାରେ ମା’ଙ୍କ ସ୍ଥାନରେ ନାବାଳିକା ଜଣକ ମାଲିକ ଘରକୁ କାମ କରିବାକୁ ଯାଇଥିଲେ। କାମ ସାରି ତଳକୁ ଆସିବା ବେଳେ ଅଭିଯୁକ୍ତ ନରେଶ ଦୋରା ନାବାଳିକାଙ୍କୁ ୫ଶହ ଦେଇ ଚୁମ୍ବନ ଦେବାକୁ ଚେଷ୍ଟା କରିଥିଲେ। ନାବାଳିକା ରାଜି ନହେବାରୁ ଅସଦାଚରଣ କରିଥିଲେ। ନାବାଳିକା ଘରକୁ ଫେରି ଘଟଣା ସମ୍ପର୍କରେ ଜଣାଇବା ପରେ ମା’ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନରେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।



● ପାତିସୁନାପୁରରେ ଶାନ୍ତି ପ୍ରତିଷ୍ଠା ଦାବି

## ବିକ୍ରମଙ୍କ ନେତୃତ୍ୱରେ ଏସ୍‌ପିଙ୍କୁ ଭେଟିଲା ବିଜେଡି ପ୍ରତିନିଧି

ବ୍ରହ୍ମପୁର,୨୧।୮ (ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ ସୁନାପୁର ପଞ୍ଚାୟତର ପାତିସୁନାପୁର ଗ୍ରାମରେ ଯାତ୍ରା ଆୟୋଜନକୁ ନେଇ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାକୁ ଇତି ମଧ୍ୟରେ ୩ମାସ ବିତି ସାରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ସ୍ଥିତି ସ୍ୱାଭାବିକ ହୋଇନାହିଁ। ଗ୍ରାମରେ ଶାନ୍ତି ପ୍ରତିଷ୍ଠା କରିବା ଦାବିରେ ଗୁରୁବାର କିଛି ଗ୍ରାମବାସୀଙ୍କ ସହ ବିଜେଡି ପ୍ରତିନିଧି ଦଳ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟିଥିଲେ। ଗ୍ରାମରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ନେତୃତ୍ୱରେ ଚିକିଟି ବିଧାୟକ ପ୍ରାର୍ଥୀ ଶ୍ରୀରୂପ ଦେଓ, ବିଜେଡି ନେତା ସୁରେନ୍ଦ୍ର ମଣ୍ଡଳଙ୍କ ଉପସ୍ଥିତିରେ ବହୁ ଗ୍ରାମବାସୀ ଏସ୍‌ପିଙ୍କୁ ଭେଟିଥିଲେ। ଉଭୟ ଗୋଷ୍ଠୀକୁ ନେଇ ଗ୍ରାମରେ ଖୁବଶୀଘ୍ର ଶାନ୍ତି କମିଟି ବୈଠକ କରାଯିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ଡା. ସର୍ବଣା ବିବେକ ଏମ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

ପ୍ରକାଶଥାଉକି, ଯାତ୍ରା ଆୟୋଜନକୁ ନେଇ ଗ୍ରାମର ଦୁଇଗୋଷ୍ଠୀ ମଧ୍ୟରେ ଗତ ଏପ୍ରିଲ ମାସରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଗ୍ରାମରେ ୧୬୩ଧାରା ଲାଗୁ କରାଯାଇଥିଲା। ପୁଲିସ ଉପରକୁ କିଛି ଗ୍ରାମବାସୀ ପଥର, ବୋତଲ ମାଡ କରିଥିଲେ। ଏହି ଘଟଣାରେ ପୁଲିସ ଗ୍ରାମର ୧୮ଜଣ ମହିଳାଙ୍କ ସମେତ ୪ଜଣ ପୁରୁଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣା ପରେ ଗ୍ରାମ ପୁରୁଷଶୂନ୍ୟ ହୋଇଯାଇଥିଲା।



# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଧନ୍ଦାମୂଳକ ତାଲିମ୍ କେନ୍ଦ୍ର ଉଦ୍‌ଘାଟିତ

ବ୍ରହ୍ମପୁର,୨୧।୮ (ସମିସ)

ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ଦୁଇଟି ନୂତନ କାର୍ଯ୍ୟାଳୟ ଓ ଏକ ଧନ୍ଦାମୂଳକ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଆସିକାର ତାଲୁକା ରୋଡଠାରେ ନୂଆ ଡିଭିଜନ୍ ଅଫିସ ଏବଂ ନୂଆଗାଁ ଠାରେ ନୂତନ ସେକ୍ସନ୍ ଅଫିସ ଓ ସମରଝୋଳ ଠାରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଆସିକା ଇଲେକଟ୍ରିକାଲ୍ ଡିଭିଜନ୍(୧)ର ନୂତନ କାର୍ଯ୍ୟାଳୟ ଆସିକା ଓ ଆଖପାଖ ଅଞ୍ଚଳର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଣରେ ସହାୟକ ହେବା ସହ ସମୟସାପେକ୍ଷ ସେବା ପ୍ରଦାନ କରିପାରିବ। ନୂତନ କାର୍ଯ୍ୟାଳୟରେ ସମସ୍ତ ମୌଳିକ ସୁବିଧା ଉପଲବ୍ଧ ରହିଛି। ଉପଭୋକ୍ତାଙ୍କ ନିମନ୍ତେ ବସିବା ସୁବିଧା ସହ କ୍ୟାସ୍ କାଉଣ୍ଟରର ବ୍ୟବସ୍ଥା ରହିଛି। ଯାହା ସହଜ ଓ ଉପଭୋକ୍ତା ଅନୁକୂଳ ସେବା ପ୍ରଦାନରେ ସକ୍ଷମ ହେବ। ସେହିଭଳି ସମରଝୋଳ ଠାରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ପ୍ରତିଷ୍ଠା କରି ଗୋଷ୍ଠୀ ବିକାଶ କ୍ଷେତ୍ରରେ କମ୍ପାନୀ ନିଜର ପ୍ରତିବଦ୍ଧତାକୁ ଦର୍ଶାଇଛି। ଏହି କେନ୍ଦ୍ର ସ୍ଥାନୀୟ ଯୁବକମାନଙ୍କୁ ବ୍ୟାବହାରିକ ଓ ଶିଳ୍ପଭିତ୍ତିକ ୱେଲ୍ଡିଂ ପ୍ରଶିକ୍ଷଣ ପ୍ରଦାନ କରିବ। ତାଲିମ ପ୍ରଦାନ ପରେ ସେମାନଙ୍କୁ ଦକ୍ଷତା ମାନପତ୍ର ଓ ନିଯୁକ୍ତି କ୍ଷେତ୍ର ଯୋଗାଇ ଦିଆଯିବ। ପ୍ରଶିକ୍ଷଣକୁ ନିଯୁକ୍ତି ସହ ଯୋଡ଼ି ଟିପିଏସ୍‌ଓଡିଏଲ୍ ସ୍ଥାନୀୟ ଯୁବକ ଓ ସେମାନଙ୍କ ପରିବାରର ସାମାଜିକ ତଥା ଅର୍ଥନୈତିକ ପ୍ରଗତିରେ ସହାୟକ ହେଉଛି। ଅନ୍ୟପକ୍ଷରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଆସିକା ଅନ୍ତର୍ଗତ ନୂଆଗାଁ ଇଲେକଟ୍ରିକାଲ୍ ସେକ୍ସନ-୧ର ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଏହି ନୂତନ ଭିତ୍ତିଭୂମି କର୍ମଚାରୀଙ୍କୁ ଉନ୍ନତ କାର୍ଯ୍ୟକ୍ଷେତ୍ର ଯୋଗାଇଦେବା ସହ ଉପଭୋକ୍ତା ସେବାକୁ ସୁଦୃଢ଼ କରିବ।

ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ଏ ସମ୍ପର୍କରେ କହିଛନ୍ତି ଯେ, “ନୂତନ ଭିତ୍ତିଭୂମି ଓ ତାଲିମ କେନ୍ଦ୍ରର ନିର୍ମାଣ ଉପଭୋକ୍ତା ସେବାରେ ଉନ୍ନତି ଆଣିବା ସହ ସ୍ଥାନୀୟ ସଂପ୍ରଦାୟକୁ ଅଧିକ ସଶକ୍ତ କରିବ। ଆସିକା ଓ ନୂଆଗାଁରେ ନୂତନ କାର୍ଯ୍ୟାଳୟ ସେବା ଯୋଗାଣ କ୍ଷେତ୍ରକୁ ଅଧିକ ବଳ ଯୋଗାଇବା ସହ ସମରଝୋଳରେ ନୂଆ ତାଲିମ କେନ୍ଦ୍ର ସ୍ଥାନୀୟ ଯୁବକମାନଙ୍କ ପାଇଁ ନିଯୁକ୍ତି ଓ ଦକ୍ଷତା ବିକାଶର ସୁଯୋଗ ଆଣିବ। ଟିପିଏସଓଡିଏଲର ଏହି ପଦକ୍ଷେପ ଦକ୍ଷିଣଓଡ଼ିଶାରେ ଉଭୟ ପ୍ରଗତି ଓ ଅନ୍ତର୍ଭୁକ୍ତୀକରଣକୁ ସୁନିଶ୍ଚିତ କରିବ। ଟିପିଏସ୍‌ଓଡିଏଲ୍ ଦକ୍ଷିଣଓଡ଼ିଶାରେ ବିଜୁଳି ଯୋଗାଣ ବ୍ୟବସ୍ଥା ଓ ଉପଭୋକ୍ତା ସେବାକୁ ଅଧିକ ଗ୍ରାହକ ଅନୁକୂଳ କରିବା ସହ ଉପଭୋକ୍ତା ସଂପ୍ରଦାୟର ସାମଗ୍ରିକ ବିକାଶ ତଥା ଅଭିବୃଦ୍ଧି ଦିଗରେ ମଧ୍ୟ କାର୍ଯ୍ୟ କରୁଛି।



ଖୋଲିଲା ନୂତନ କାର୍ଯ୍ୟାଳୟ

## ବିଶ୍ୱବିଦ୍ୟାଳୟରେ ଶସ୍ତା ରାଜନୀତି କରାଯାଉ: ବିଜେପି




ବ୍ରହ୍ମପୁର,୨୧।୮ (ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ର ଓ ଅଣଛାତ୍ର ମଧ୍ୟରେ ହୋଇଥିବା ମାର୍‌ପିଟ ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛି ବିଜେପି। ସ୍ଥାନୀୟ ହିଲ୍‌ପାଟଣା ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଗୁରୁବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ କରିବାକୁ ସରକାରଙ୍କ ପ୍ରୟାସ ଜାରି ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୨ଶହ କୋଟି ଟଙ୍କାର ଅନୁଦାନ ଦେଇ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ଶୈକ୍ଷିକ ବିକାଶ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ତେବେ କଂଗ୍ରେସ ବିଧାୟକ ରମେଶ ଜେନା ଅଣଛାତ୍ରମାନଙ୍କୁ ନେଇ କ୍ୟାମ୍ପସର ଶାନ୍ତ ବାତାବରଣକୁ ନଷ୍ଟ କରିବାକୁ ପ୍ରୟାସ କରୁଥିବା ଅଭିଯୋଗ କରିବା ସହ ସାନଖେମୁଣ୍ଡି ବିଧାୟକଙ୍କ ଏଭଳି ଆଚରଣକୁ ବିଜେପି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ସୁନିଲ କୁମାର ସାହୁ, ଆଇନଜୀବୀ ପୀତବାସ ପଣ୍ଡା ଓ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଜିଉଦୟଗିରି,୨୧।୮ (ସମିସ): ଜି.ଉଦୟଗିରିର ବହୁ ପୁରାତନ ଦୁର୍ଗାପୂଜା ମଣ୍ଡପ ତରଫରୁ ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ଭଞ୍ଜ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜା କମିଟି ସଭାପତି ଅରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ସଞ୍ଜୟ କୁମାର ଆଚାର୍ଯ୍ୟ, ସହ ସଂପାଦକ ପ୍ରଶାନ୍ତ କୁମାର ମୁନି ଓ କୋଷାଧ୍ୟକ୍ଷ ସନାତନ ଦାସ, ଚରଣ ବିଷୋୟୀ, ବିପିନ ମଲ୍ଲିକ, ନିରଞ୍ଜନ ପଣ୍ଡା, ସୁରେଶ ମହାପାତ୍ର ଅନୀଲ ପଟ୍ଟନାୟକ ଓ ବିନୋଦ ବିହାରୀ ଦାଶ ଉପସ୍ଥିତ ଥିଲେ। ସହରର ଏହା ପ୍ରମୁଖ ଏବଂ ପୁରାତନ ପୂଜା ହୋଇଥିବା ବେଳେ ଅଧିଷ୍ଠାତ୍ରୀ ଦେବୀ ମା ବରଳିନୀଙ୍କୁ ଆବାହନ କରାଯାଉଥିବା ଯୋଗୁ ଏହାର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି।

## ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆକୁ ଗିରଫ କଲା କେରଳ ପୁଲିସ

ମୋହନା,୨୧।୮ (ସମିସ): ଅଡ଼ବାରୁ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆକୁ ଧରିଲା କେରଳ ପୁଲିସ। ବାହାର ରାଜ୍ୟ ସମେତ କେରଳକୁ ଗଞ୍ଜେଇ ଚାଲାଣ କରିବା



ଅଭିଯୋଗରେ ଅଡ଼ବା ଥାନା ଡେକାପଙ୍କା ଗ୍ରାମର ଗଞ୍ଜେଇ ମାଫିଆ ଟୁକୁନା ପରିଚ୍ଛାକୁ ଗିରଫ କରିଛି କେରଳ ପୁଲିସ। କିଛି ଦିନ ପୂର୍ବରୁ ଗଞ୍ଜେଇ ଚାଲାଣ ବେଳେ କେରଳର ପାରିନାଡୁ ରେଳ ଷ୍ଟେସନରୁ ଅଡ଼ବା ଥାନା ଅଞ୍ଚଳର ଭକ୍ତି ସିଂ ଓ ବ୍ରହ୍ମଦାସ ନାୟକକୁ କେରଳ ପୁଲିସ ଗଞ୍ଜେଇ ସହ ଗିରଫ କରିଥିଲା। ପଚରାଉଚରା ପରେ ଉକ୍ତ ଗଞ୍ଜେଇ ଅଡ଼ବାର ଟୁକୁନାଠାରୁ ନେଇଥିବା ମାନିଥିଲେ। ଗୁରୁବାର କେରଳ ପୁଲିସର ଏକ ଟିମ୍ ଆସି ସ୍ଥାନୀୟ ପୁଲିସ ସହାୟତାରେ ମୋବଇଲ୍ ଟ୍ରାକିଂ କରି ମୁଖ୍ୟ ଅଭିଯୁକ୍ତ ଟୁକୁନାକୁ ତା ଗାଁରୁ ଗିରଫ କରିଛି। ଅଭିଯୁକ୍ତକୁ ମୋହନା କୋର୍ଟରେ ହଜାର ପରେ ରିମାଣ୍ଡରେ କେରଳ ନେଇଯାଇଛି ପୁଲିସ।

## ବାଇକ୍ ଧକ୍କାରେ ବୃଦ୍ଧା ମୃତ

ମୋହନା,୨୧।୮ (ସମିସ): ଆର.ଉଦୟଗିରି ଥାନା ଅନ୍ତର୍ଗତ ଡୁବୁରୁବା ଗ୍ରାମରେ ଗୁରୁବାର ଏକ ବାଇକ୍ ଧକ୍କାରେ ଜଣେ ୬୫ ବର୍ଷୀୟ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ସେହି ଗ୍ରାମର ଶନି ରଇତ। ସୂଚନା ପ୍ରକାରେ ମହେନ୍ଦ୍ରଗଡ଼ ଗ୍ରାମର ସତ୍ୟ ନାୟକ କୌଣସି କାମରେ ବାଇକ୍‌ରେ ଡୁବୁରୁବା ଯାଉଥିବା ବେଳେ ଗ୍ରାମ ନିକଟ ରାସ୍ତା ପାର୍ଶ୍ୱରେ ଚାଲିଚାଲି ଯାଉଥିବା ଶନିଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବୃଦ୍ଧାଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆର. ଉଦୟଗିରି ପୁଲିସ ଦୁର୍ଘଟଣା ଘଟାଇଥିବା ବାଇକ୍ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି।

## ବିରୁଡି ଆକ୍ରମଣରେ ୯ ଆହତ

ମୋହନା,୨୧।୮ (ସମିସ): ବିରୁଡ଼ି ଆକ୍ରମଣରେ ୯ଜଣ ଆହତ ହୋଇଛନ୍ତି। ସମସ୍ତ ଆହତ ମୋହନା ଥାନା ପଣସଖାଲ ଗ୍ରାମର ବୋଲି ଜଣାପଡିଛି। ଗ୍ରାମବାସୀ ଏକ କାଜୁ ବଗିଚା ସଫା କରିବାକୁ ଯାଇଥିବା ବେଳେ ବିରୁଡ଼ି ଆକ୍ରମଣ କରିଥିଲେ। ସମସ୍ତ ଗୁରୁତରଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ୪ ଜଣ ମହିଳା ଓ ୫ ଜଣ ପୁରୁଷ ଅଛନ୍ତି।

## ଉପଲଡ଼ା ଗ୍ରାମରେ ତିନି ଦୋକାନରୁ ଚୋରି

ପାରଳାଖେମୁଣ୍ଡି,୨୧।୮ (ସମିସ): ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଉପଲଡା ଗ୍ରାମରେ ତିନୋଟି ଦୋକାନର ତାଲା ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ମୁଖ୍ୟବଜାରରେ ଥିବା ଦୁଇଟି କିରଣା ଓ ଗୋଟିଏ ଔଷଧ ଦୋକାନର ତାଲା ଭାଙ୍ଗି ଅଜଣା ଦୁର୍ବୃତ୍ତ ଚୋରି କରିନେଇଛନ୍ତି। ଏହି ଦୋକାନ ଗୁଡିକରୁ କେବଳ ନଗଦ ଟଙ୍କା ଚୋରି ହୋଇଥିବା ଜଣାପଡିଛି। ତିନୋଟି ଦୋକାନରୁ ପ୍ରାୟ ୪୦ ହଜାରରୁ ଅଧିକ ଟଙ୍କା ଚୋରି ହୋଇଛି। ସୂଚନା ପାଇ ଗୁରାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। କିଛି ମାସ ଅନ୍ତରାଳରେ ଗ୍ରାମରେ ଚୋରି ହୋଇଥିବାରୁ ଲୋକେ ଭୟଭୀତ ହୋଇପଡିଛନ୍ତି।

### ଦୃଷ୍ଟି ଦେଉନି ଏନ୍‌ଏସି

# ମାଟିରେ ମିଶିଲାଣି ଲକ୍ଷାଧିକ ଟଙ୍କାର ମିନିପାର୍କ

ଜି.ଉଦୟଗିରି,୨୧।୮ (ସମିସ)





**ଭାଙ୍ଗିରୁଜି ଗଲାଣି ଖେଳ ଉପକରଣ, ବେଞ୍ଚ**

ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଶ୍ରୀରାମପଦାରେ ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବ୍ୟାୟାମ ତଥା କୁନିକୁନି ପିଲାଙ୍କ ପାଇଁ ଖେଳକୁଦ ନିମନ୍ତେ କିଛିମାସ ପୂର୍ବେ ନିର୍ମାଣ ହୋଇଥିବା ମିନି ପାର୍କ ବର୍ତ୍ତମାନ ମାଟିରେ ମିଶିବାକୁ ବସିଲାଣି।

ସୂଚନା ଅନୁଯାୟୀ, ମୁକ୍ତା ଯୋଜନା ମାଧ୍ୟମରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ପାର୍କ ନିର୍ମାଣର କିଛି ମାସ ପରେ ଲୋକଙ୍କ ପାଇଁ ବନ୍ଦ କରାଯାଇଥିବାରୁ ଏବେ ନଷ୍ଟ ହେବାକୁ ଯାଉଛି। ସ୍ୱୟଂ ସହାୟକ ଗ୍ରୁପ୍ ମହିଳାଙ୍କ ମାଧ୍ୟମରେ ନିର୍ମିତ ଏହି ପାର୍କରୁ ଅଞ୍ଚଳର ଛୋଟ ବଡ଼ ସମସ୍ତଙ୍କୁ ମନୋରଞ୍ଜନ ଓ ସ୍ୱାସ୍ଥ୍ୟକର ପରିବେଶ ମିଳିବ ବୋଲି ଅଞ୍ଚଳବାସୀଙ୍କ ଆଶାଥିଲା। କିନ୍ତୁ ବର୍ତ୍ତମାନ ଏହି ପାର୍କରେ ପିଲାମାନଙ୍କ ଖେଳନା, ବ୍ୟାୟମ ପାଇଁ ଥିବା ଉପକରଣ ଭାଙ୍ଗିରୁଜି ଗଲାଣି। ଏଥିସହ ଶୌଚାଳୟ କବାଟ ଓ ସରଞ୍ଜାମ ବ୍ୟବହାର ଯୋଗ୍ୟ ନ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ପାର୍କରେ ବସିବା ପାଇଁ ରଖାଯାଇଥିବା ସିମେଣ୍ଟ ଚେୟାର ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଗଲାଣି। ଏହାର ରକ୍ଷଣାବେକ୍ଷଣ ଅଭାବରୁ ଅସମାଜିକ ଲୋକେ ଏହାର ଅପବ୍ୟବହାର କରି ନଷ୍ଟ କରିବା ସହ ବିଦ୍ୟୁତ୍ ସରଞ୍ଜାମ ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଛନ୍ତି। ବ୍ୟାୟମ ନିମନ୍ତେ ଖଞ୍ଜାଯାଇ ଥିବା ଜିମ୍ ସାମଗ୍ରୀ ମଧ୍ୟ ଭାଙ୍ଗି ଯାଇଛି। ସମ୍ମୁଖ ଗେଟ୍‌ରେ ତାଲା ପଡ଼ିଥିବା ବେଳେ ପଛ ଗେଟ୍ ଖୋଲା ଅଛି। ପାଚେରି ଉପରେ ଲାଗିଥିବା ଲୁହା ଗ୍ରୀଲ୍ ଗୁଡ଼ିକ ମଧ୍ୟ ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ଘାସ-ଗଛ ବଢ଼ି ସମଗ୍ର ପାର୍କ ପରିସର ଅପରିଷ୍କାର ହୋଇଯାଇଛି। ପିଲାମାନେ ଖେଳୁଥିବା ଖେଳନା ଚୋରି ହୋଇଯାଇଛି। ଯାହା ଅଛି ତାହା ବ୍ୟବହାର ଯୋଗ୍ୟ ହେଉନାହିଁ। ଅବହେଳା ଓ ରକ୍ଷଣାବେକ୍ଷଣ ହେଉ ନଥିବାରୁ ପାର୍କ ନଷ୍ଟ ହେବାକୁ ବସିଥିବା ଅଭିଯୋଗ ହେଉଛି।

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଯତ୍ନ ସମ୍ପର୍କରେ କର୍ମଶାଳା




ପାରଳାଖେମୁଣ୍ଡି,୨୧।୮ (ସମିସ)

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ 'ପ୍ରାୟୋଜନ, ପାଳିତ ଯତ୍ନ, ପରବର୍ତ୍ତୀ ଯତ୍ନ ଓ ଅଣଆନୁଷ୍ଠାନିକ ଯତ୍ନ' ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ସମେତ ଚାଇଲ୍ଡ ହେଲ୍ପ ଲାଇନର କୋର୍ଡିନେଟର, ୱାନଷ୍ଟପର କେନ୍ଦ୍ର ପରିଚାଳିକା, ଆଭା ଜିଲ୍ଲା ପ୍ରକଳ୍ପ ସହଯୋଗୀ, ଜାମ୍ବ ପ୍ରକଳ୍ପ ସଂଯୋଜକ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ଯତ୍ନ ଅନୁଷ୍ଠାନ ଗୁଡ଼ିକର କର୍ମକର୍ତ୍ତା ତଥା ସରକାରଙ୍କଠାରୁ ଆର୍ଥିକ ସହାୟତା ପାଉଥିବା ଶିଶୁ ଏବଂ ସେମାନଙ୍କର ଅଭିଭାବକ ଉପସ୍ଥିତ ଥିଲେ। କର୍ମଶାଳାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ତ୍ରିପାଠୀ ସରକାରଙ୍କ ତରଫରୁ ଦିଆଯାଉଥିବା ମାସିକ ୪ହଜାର ଟଙ୍କା ସହାୟତା ରାଶି ଶିଶୁଙ୍କ ଆବଶ୍ୟକତା ଅନୁସାରେ ଖର୍ଚ୍ଚ ହେଉଛି ନା ନାହିଁ ତାହା ଅଭିଭାବକମାନଙ୍କୁ ପଚାରି ବୁଝିଥିଲେ। ଯେଉଁ ଶିଶୁମାନେ ୧୦ମ ଶ୍ରେଣୀ ପାସ ହୋଇ କଲେଜରେ ପଢୁଛନ୍ତି ସେମାନଙ୍କୁ ଯଶୋଦା ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ନିମନ୍ତେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅଣଆନୁଷ୍ଠାନିକ ଯତ୍ନ ସମ୍ପର୍କରେ ଶ୍ରୀଦେବୀ ରଇତ ପ୍ରାୟୋଜନ ନିମନ୍ତେ ଶିଶୁଙ୍କର ଯୋଗ୍ୟତା, ଆବଶ୍ୟକତା ଦସ୍ତାବିଜ ଏବଂ ଆବେଦନର ପ୍ରକ୍ରିୟା ବିଷୟରେ ବୁଝାଇଥିଲେ। ପ୍ରକଳ୍ପ ସଂଯୋଜକ ଜାମ୍ବ ପ୍ରତ୍ୟୁଷ ପଣ୍ଡା ଶିଶୁମାନଙ୍କର ମାନସିକ ସ୍ୱାସ୍ଥ୍ୟର ବିକାଶ ଏବଂ ଏହି ଦିଗରେ ଅଭିଭାବକ ତଥା ହିତାଧିକାରୀଙ୍କ ଭୂମିକା ବିଷୟରେ କହିଥିଲେ। ଏହାପରେ ପରାମର୍ଶଦାତା ଡୁଂଗେଇ ମଲିକ ଯେଉଁ ଶିଶୁମାନେ ସହାୟତା ରାଶି ପାଉଛନ୍ତି ସେମାନେ ନିୟମିତ ବିଦ୍ୟାଳୟ ଯିବା ସହିତ ପ୍ରତିଦିନର ଆବଶ୍ୟକତା ନିମନ୍ତେ ସେହି ରାଶି ବ୍ୟବହାର କରିବେ ସେ ସମ୍ପର୍କରେ କହିଥିଲେ। ଏହାପରେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ ପରିଚାଳକ ପ୍ରତ୍ୟୁଷ କୁମାର ଯୋଗ୍ୟ ଶିଶୁମାନଙ୍କୁ ସରକାରୀ ସହାୟତା ରାଶି ଯୋଗାଇ ଦେବାରେ ବିଭିନ୍ନ ହିତାଧିକାରୀଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଶେଷରେ କେନ୍ଦ୍ର ସହକର୍ମୀ ୱାନ୍ ଷ୍ଟପ ସେଣ୍ଟର ସୁନିତା ମହାରଣା ଉପସ୍ଥିତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

**● ଦଳବିରୋଧୀ କାର୍ଯ୍ୟ ଅଭିଯୋଗ**

## ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ପୂର୍ବତନ ସରପଞ୍ଚ ବିଜେପିରୁ ନିଲମ୍ବିତ



ପାରଳାଖେମୁଣ୍ଡି,୨୧।୮ (ସମିସ): ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ମିଶ୍ର ଓ କୁଜାସିଂର ପୂର୍ବତନ ସରପଞ୍ଚ କାହ୍ନୁଚରଣ ଭୂୟାଁଙ୍କୁ ବିଶୃଙ୍ଖଳା ସୃଷ୍ଟି ପାଇଁ ବିଜେପିରୁ ନିଲମ୍ବନ କରାଯାଇଥିବା ପାରଳାଖେମୁଣ୍ଡି ସ୍ଥିତ ପୂର୍ତ୍ତ ବିଭାଗ ବଙ୍ଗଳାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲା ବିଜେପି ସଭାପତି ନବକିଶୋର ଶବର ପ୍ରକାଶ କରିଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ଦଳରେ ରହି ଅନ୍ୟ ଦଳ ପାଇଁ କାମ କରିବା, ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସଭାପତିଙ୍କୁ ମାଡ଼ ମାରିବା ଏବଂ ଆର୍‌ଏସ୍‌ଏସ୍ ତଥା ବିବିଧ କ୍ଷେତ୍ରର ସଂଗଠନ ଓ ଅଧିକାରୀମାନଙ୍କ ବିରୋଧରେ ନିୟମିତ ଭାବେ ଷଡ଼ଯନ୍ତ୍ରପୂର୍ଣ୍ଣ କାର୍ଯ୍ୟକଳାପରେ ଲିପ୍ତ ରହିବା, ଦଳ ଏବଂ ସଂଘର ନାମ ନେଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଇ ସେଠାରେ ଅଧିକାରୀଙ୍କୁ ଦୁର୍ବ୍ୟବହାର, ବିଭିନ୍ନ ଯୁବ ସଂଗଠନ ନାମରେ ସମାନ୍ତରାଳ ସଂଗଠନ କରି ଦଳରେ ବିଶୃଙ୍ଖଳା ସୃଷ୍ଟି କରିବା, ଅନ୍ୟ ଦଳର ନେତୃତ୍ୱଙ୍କ ପ୍ରରୋଚନାରେ ଦଳର ତୃଣମୂଳ କର୍ମୀଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରି ଦଳରେ ବିଶୃଙ୍ଖଳା ସୃଷ୍ଟି କରିବା ଭଳି କାରଣ ଦର୍ଶାଇଛି ଜିଲ୍ଲା ବିଜେପି। ନିଲମ୍ବିତ ହୋଇଥିବା ଉଭୟ ନେତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଚାଷୀଙ୍କୁ ଭେଟିଲେ ବିଧାୟକ

ପାରଳାଖେମୁଣ୍ଡି,୨୧।୮ (ସମିସ): ଗଜପତି ଜିଲ୍ଲାରେ ତିନି ଦିନ ଧରି ହୋଇଥିବା ଲଗାଣ ବର୍ଷା ଯୋଗୁ ଜିଲ୍ଲାର ପ୍ରମୁଖ ନଦୀ ଓ ନାଳରେ ଜଳସ୍ତର ବୃଦ୍ଧି ପାଇଛି। ମୁଖ୍ୟକରି ପାରଳାଖେମୁଣ୍ଡି ଉପକଣ୍ଠରେ ପ୍ରବାହିତ ଗୁମ୍ମା ନାଳର ପାଣି ଅନେକ ଚାଷ ଜମିରେ ଲହଡ଼ି ମାରିବା ସହ ବଡ଼ଖିଙ୍ଗା ଗ୍ରାମବାସୀଙ୍କ ପାଇଁ ଜଳବନ୍ଦୀ ଭଳି ପରିସ୍ଥିତି ସୃଷ୍ଟି କରିଥିଲା। ପ୍ରତ୍ୟେକ ବର୍ଷ ଲଘୁଚାପ ଜନିତ ବର୍ଷା ଓ ଅଦିନିଆ ବର୍ଷାରେ ଅଞ୍ଚଳବାସୀ ଓ ଚାଷୀ ଗୁମ୍ମା ନାଳ ପାଣି ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ଏନେଇ ଗୁହାରି



କରିବା ସତ୍ତ୍ୱେ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ବୁଧବାର ହଠାତ୍ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଗୁମ୍ମା ନାଳ ପ୍ରବେଶ କରୁଥିବା ବଡଖିଙ୍ଗା ଗ୍ରାମ ନିକଟରେ ପହଞ୍ଚି ସ୍ଥିତି ସମୀକ୍ଷା ସହ କିପରି ଚାଷଜମି ଓ ବଡଖିଙ୍ଗା ଗ୍ରାମବାସୀ ଜଳବନ୍ଦୀ ସମସ୍ୟାରୁ ମୁକୁଳିବେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରିବା ସହ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବ୍ରାହ୍ମଣୀଗାଁ,୨୧।୮ (ସମିସ)




ରାଜ୍ୟର ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ରଷିମାଳ ମହାବିଦ୍ୟାଳୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସରକାରୀ ଅନୁଦାନ ପରିସର ଭୁକ୍ତ କରାଯିବା ଦାବିରେ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଙ୍ଘ ସମ୍ପାଦକ ତଥା ମହାବିଦ୍ୟାଳୟର ଅଧ୍ୟାପକ ମନୋରଞ୍ଜନ ବଳିୟାରସିଂ କହିଛନ୍ତି। ସୂଚନା କ୍ରମେ ୨୦୦୮ରୁ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇ ସ୍ୱଳ୍ପ ବେତନରେ କାର୍ଯ୍ୟ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାରୀ ଅନୁଦାନ ପରିସର ଭୁକ୍ତ ହୋଇନାହାନ୍ତି। ବିଭିନ୍ନସ୍ତରରେ ସଙ୍ଘ ପକ୍ଷରୁ ଆନ୍ଦୋଳନ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ହେଉନାହିଁ। ତେଣୁ ସଂଘ ଗତ ଅଗଷ୍ଟ ୧୬ ତାରିଖକୁ ଶିକ୍ଷକ ଦାବି ଦିବସରେ ଗାନ୍ଧି ମାର୍ଗରେ ମହା ସମାବେଶ କରିଥିଲା। ସରକାର ନୂତନ ଅନୁଦାନ ନୀତି ଘୋଷଣା କରିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ସମ୍ପାଦକ ସୂଚନା ରହିଛି।

### ହବାକ୍ ହାଇସ୍କୁଲରେ ଖୋଖୋ ପ୍ରଶିକ୍ଷଣ ଶିବିର

ଜି.ଉଦୟଗିରି,୨୧।୮ (ସମିସ): ଜି.ଉଦୟଗିରି ହବାକ୍ ହାଇସ୍କୁଲ ଖେଳପଡ଼ିଆରେ ଦୁଇ ଦିନ ଧରି ଚାଲିଥିବା ଖୋ ଖୋ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଶାରୀରିକ ଶିକ୍ଷା ଜିଲ୍ଲା ଅଧିକାରୀ ସଞ୍ଜୟ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ହବାକ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ରଞ୍ଜିତ ପାଟମାଝି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଗଜପତି ଜିଲ୍ଲାର ଖୋ ଖୋ ପ୍ରଶିକ୍ଷକ ଆଲିଆ ଶବର ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ବ୍ଲକର ବିଭିନ୍ନ ସ୍କୁଲର ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟ ବିଦ୍ୟାଳୟର ଖେଳ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ଚାରି ମାସ ହେଲା ସରୁନି ଅଙ୍ଗନବାଡ଼ି ଗୃହ ମରାମତି

### ବର୍ଷାରେ ହୀନସ୍ତା ହେଉଛନ୍ତି କୋମଳମତୀ ଶିଶୁ

ଡୁମୁଡିବନ୍ଧ,୨୧।୮ (ସମିସ)



ଡୁମୁଡିବନ୍ଧ ବ୍ଲକ ବେଲଘର ପଞ୍ଚାୟତ ସ୍ଥିତ କେକେଡିଏ କଲୋନୀର ଅଙ୍ଗନବାଡି ଗୃହ ବର୍ତ୍ତମାନ ବିପଦସଂକୁଳ ଅବସ୍ଥାରେ ଚାଲିଛି। ବର୍ଷା ହେଲେ ଅଙ୍ଗନବାଡି ଗୃହରେ କାଦୁଅ ଅତଡ଼ା ଜମା ହେବା ସହିତ ଛାତରୁ ପାଣି ଝରୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପାଞ୍ଚ ମାସ ପୂର୍ବେ ପୂର୍ବତନ ଜିଲ୍ଲାପାଳ ଅମ୍ରିତ ରତୁରାଜ ଏକ ସରକାରୀ କାର୍ଯ୍ୟକ୍ରମରେ ବେଲଘର ପଞ୍ଚାୟତ ଆସିଥିବା ବେଳେ ଏହି ଅଙ୍ଗନବାଡି ଗୃହ ଦେଖି ଦୁଃଖ ପ୍ରକାଶ କରିଥିଲେ ଏବଂ ଗୃହର ମରାମତି ନିମନ୍ତେ ନିଜସ୍ୱ ପାଣ୍ଠିରୁ ୨ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରିଥିଲେ। ଅର୍ଥ ମଞ୍ଜୁର ପରେ କେକେଡ଼ିଏ କଲୋନୀ ଏସଏଚଜି ମହିଳା ମରାମତି କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପଞ୍ଚାୟତର କିଛି ରାଜନୈତିକ ପ୍ରତିନିଧି ଅଫିସର ବାବୁଙ୍କୁ ହାତବାରିସୀ କରି ମରାମତି ପ୍ରକଳ୍ପକୁ ନିଜେ କରିବାକୁ ଚକ୍ରାନ୍ତ କରିଥିଲେ। ଚକ୍ରାନ୍ତରେ ସଫଳ ହେଇ ମରାମତି କାମ ଦାୟିତ୍ୱ ନେଇଥିଲେ। ଅଳ୍ପ କିଛି ମରାମତି କରିବା ପରେ କାମ ବନ୍ଦ କରିଦେଇଥିଲେ। ମରାମତି ନାରେ ଗୃହର ଓ ଚଟାଣର ପ୍ଲାଷ୍ଟରକୁ ଭାଙ୍ଗି ଦିଆଯାଇଥିଲା। କିନ୍ତୁ ତାହା ଆଉ ନିର୍ମାଣ ହୋଇନାହିଁ। ଏବେ ଲଗାଣ ବର୍ଷା ଯୋଗୁଁ କୋମଳମତି ଶିଶୁ ନାହି ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଞ୍ଚ ମାସ ହେଲା ମରାମତି କାମ ବନ୍ଦ ରହିଛି। ଶିଶୁ ମାନେ ସେହି ଭଙ୍ଗା ଦଦରା ଘରେ ବସୁଛନ୍ତି। ଏଭଳି ସ୍ଥିତି ଯୋଗୁଁ ଅଘଟଣ ଘଟିଲେ କିଏ ଦାୟି ରହିବ ବୋଲି ଅଭିଭାବକ ପ୍ରଶ୍ନ କରିଛନ୍ତି। ଏନେଇ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କୁ ପଚାରିବାରେ ପ୍ରତ୍ୟେକ ଦିନ ଠିକାଦାରକୁ ତାଗିଦ କରୁଛନ୍ତି। କିନ୍ତୁ ଠିକାଦାର ତାଙ୍କ କଥାକୁ ଅଣଦେଖା ଓ ଅବମାନନା କରୁଛନ୍ତି ବୋଲି କହିଛନ୍ତି। ସେ କାମକୁ ସେ ଆଉ ଜଣକୁ ଦେଇଛନ୍ତି। ସେ ଲୋକ ଜଣକ କାମ କରୁନଥିବା ଠିକାଦାର କହିଛନ୍ତି। ଠିକାଦାରଙ୍କ ଏଭଳି ଦାୟିତ୍ୱହୀନ କାର୍ଯ୍ୟ ଓ ଉଚ୍ଚ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଥିବା ବେଳେ ପିଲାଙ୍କ ଜୀବନ ବିପନ୍ନ ହେଉଛି। ତୁରନ୍ତ ଅଙ୍ଗନବାଡି ଗୃହର ମରାମତି କାମ କରାଯିବାକୁ ଦାବି ହେଉଛି।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ପଶ୍ଚିମବଙ୍ଗ ଦମ୍ପତି

ପାରଳାଖେମୁଣ୍ଡି,୨୧।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାର ୭୩ତମ ଶିଶୁକୁ ଜିଲ୍ଲାପାଳ ମଧୁମିତା ପୋଷ୍ୟ ସନ୍ତାନ ଭାବେ ପଶ୍ଚିମବଙ୍ଗର ଜନୈକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଶିଶୁକୁ କେହି ଅଜଣା ବ୍ୟକ୍ତି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା କ୍ରେଡେଲରେ ଛାଡ଼ି ଚାଲିଯାଇଥିଲେ। ଶିଶୁ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ରର କର୍ମକର୍ତ୍ତାଙ୍କ ଦ୍ୱାରା ଉଦ୍ଧାର ହୋଇ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ, ରାଣୀପେଟାଠାରେ ରହିଥିଲା। ପରେ ଶିଶୁ ମଙ୍ଗଳ ସମିତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା। ଏଥି ନିମନ୍ତେ ପ୍ରାୟ ୪ ବର୍ଷରୁ ଅଧିକ ସମୟ ଧରି ଅନ୍‌ଲାଇନରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ପଶ୍ଚିମବଙ୍ଗ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଆବଶ୍ୟକ ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଶିଶୁଟିର ବୟସ ୨ ବର୍ଷ। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଶିଶୁ ମଙ୍ଗଳ ସମିତି ସଦସ୍ୟା ମମତା ଶତପଥୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



